# Akashvani, Sambalpur

## SAMBALPURI NEWS EVENING BULLETIN

## 26 June 2024- 7.02 pm- 7.12 pm.

**********************************************

୧- ଲୋକ୍‌ସଭାର୍ ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ ।

- ଆଏବା ୫ ବରସ୍‌ତକ୍ ବାଚସ୍ପତି ସଂସଦ୍ ନ ସମସ୍ତଙ୍କର୍ ମାର୍ଗଦର୍ଶନ୍ କର୍‌ବେ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ୍ କରିକରି ପ୍ରଧାନ୍‌ମନ୍ତ୍ରୀଙ୍କୁ କର୍‌ବେ ସାକ୍ଷାତ୍ ।

୩- ନିଶା କାର୍‌ବାର୍ ଆଉ ବେଆଇନ୍ ଚାଲାଣ୍‌କେ ରୁକ୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ନିଶା ନିବାରଣ୍ ଦିବସ୍ ।

୪- ବର୍‌ଗଡ଼୍‌ର୍ ଦେଓ୍ୱାନ୍‌ଡିହି ଆର୍ ବଲାଙ୍ଗିର୍‌ର ଧଣ୍ଡାମୁଣ୍ଡା ନ ବିଜ୍‌ଲି ମାର୍‌ବାର୍‌ନୁ ୫ ଝନ୍‌କର ଯାଇଛେ ଜୀବନ୍ ।

ଆଉର୍

୫- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ଶୁକ୍ରବାର୍‌ତକ୍ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍‌ର ଅନୁମାନ୍ ।

ଲୋକ୍‌ସଭା ବାଚସ୍ପତି                    ଆର୍‌ଏନ୍‌ୟୁ/ କଟକ୍

୧୮ ନମ୍ବର୍ ଲୋକ୍‌ସଭାର୍ ବାଚସ୍ପତି ଭାବେ ଓମ୍ ବିର୍ଲା ଆଏଜ୍ ନିର୍ବାଚିତ୍ ହେଇଛନ୍ । ବାଚନିକ ଭୋଟଥି ବିରୋଧୀ ମେଂଟ ପ୍ରାର୍ଥୀ କେ. ସୁରେଶ୍‌ଙ୍କୁ ହରେଇକରି ସେ ୨ ନମ୍ବର୍ ଥର୍ ଲାଗି ଇ ପଦ୍‌ବୀଥି ଆସିନ୍ ହେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ବିରୋଧୀ ଦଲର୍ ନେତା ରାହୁଲ୍ ଗାନ୍ଧୀ ନୂଆକରି ଜିତିଥିବା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କର୍ ଆସନ୍‌ତକ୍ ପାଛୋଟି ନେଇଥିଲେ । ଲୋକ୍‌ସଭାର୍ କାମ୍ ମୁଲ୍ ହେବାର୍ ଉତ୍‌ରୁ ଏନ୍‌ଡିଏର ବାଚସ୍ପତି ପ୍ରାର୍ଥୀ ଭାବେ ଓମ୍ ବିର୍ଲାଙ୍କର୍ ନାଁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସ୍ତାବ୍ ରଖିଥିଲେ । ଇଟାକେ ଏନ୍‌ଡିଏ ର ସହଯୋଗୀ ଦଲ୍ ସମର୍ଥନ୍ କରିଥିଲେ ।

ସେଆଡ଼େ ଇଣ୍ଡି ମେଂଟ ତର୍‌ଫୁ କେ. ସୁରେଶ୍‌ଙ୍କର୍ ନାଁ ବାଚସ୍ପତି ଭାବେ ପ୍ରସ୍ତାବ୍ ରଖାଯାଇଥିଲା । କାମଚଲା ବାଚସ୍ପତି ଭର୍ତ୍ତୃହରି ମହତାବ୍ ଧ୍ୱନୀମତଥି ଓମ୍ ବିର୍ଲା ବିଜୟ ହେଇଥିବାର୍ ଘୋଷ୍‌ନା କରିଥିଲେ । ଓମ୍ ବିର୍ଲା ଦୁଇ ନମ୍ବର୍ ଥର୍ ଲାଗି ବାଚସ୍ପତି ହେବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଆଏବା ୫ ବରସ୍‌ତକ୍ ଶ୍ରୀ ବିର୍ଲା ସମସ୍ତଙ୍କୁ ମାର୍ଗଦର୍ଶନ୍ କର୍‌ବେ । ଆଗ୍‌ରୁ କଂଗ୍ରେସ୍ ଶାସନ୍

ସମିଆଥି ଲୋକ୍‌ସଭାଥି ବଲରାମ୍ ଝାକର୍ ୫ ବରସ୍ କାର୍ଯ୍ୟ ଶେଷ୍ କର୍‌ବାର୍ ଉତ୍‌ରୁ ଫେର୍‌ଘାଏ ବାଚସ୍ପତି ହେଇଥିଲେ ।

ଲଗାତାର୍ ଶ୍ରୀ ବିର୍ଲା ଇ ସୁଯୋଗ୍ ପାଇକରି ଇତିହାସ୍ ସୃଷ୍ଟି କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସେନ୍ତା ବିରୋଧୀ ଦଲର୍ ନେତା ରାହୁଲ୍ ଗାନ୍ଧୀ ଭିଲ୍ ଓମ୍ ବିର୍ଲାଙ୍କୁ ଫେର୍‌ଘାଏ ବାଚସ୍ପତି ହେଇଥିବାର୍‌ନୁ ଶୁଭେଚ୍ଛା ଜନେଇଛନ୍ ।

ଲୋକ୍‌ସଭାର୍ ବାଚସ୍ପତି ଭାବେ ଓମ୍ ବର୍ଲା ନିର୍ବାଚିତ ହେଇଥିବାର୍‌ନୁ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମାଝୀ କହିଛନ୍ ଯେ, ଶ୍ରୀ ବିର୍ଲାଙ୍କର୍ ମାର୍ଗଦର୍ଶନ୍‌ଥି ଲୋକ୍‌ସଭାର ଗଣତାନ୍ତ୍ରିକ ସିଦ୍ଧାନ୍ତକେ ବଜାୟ ରଖ୍‌ବାର୍‌ଥି ନୂଆଁ ଉଚ୍ଚାକେ ପୁହୁଁଚିପାର୍‌ବା ।

ଇନ ଜନେଇ ଦିଆଯାଇପାରେ ଯେ, ଲୋକ୍‌ସଭାର୍ ଚଲ୍‌ତି ନିର୍ବାଚନ୍‌କେ ନେଇକରି ୪ ନମ୍ବର୍ ଥର୍ ଲାଗି ବାଚସ୍ପତି ନିର୍ବାଚନ୍ ହେଇଛେ । ଆଗ୍‌ରୁ ୧୯୫୨, ୧୯୬୭ ଆର୍ ୧୯୭୬ ମସିହାଥି ବାଚସ୍ପତି ପଦ୍ ଲାଗି ନିର୍ବାଚନ୍ କରାଯାଇଥିଲା । ଓମ୍ ବିର୍ଲା ରାଜସ୍ଥାନ୍‌ର କୋଟା ଆସନ୍‌ନୁ ଇଥରକେ ମିଶେଇକରି ସାଂସଦ୍ ଭାବେ ଲୋକ୍‌ସଭାକେ ୩ ଥର୍ ନିର୍ବାଚିତ୍ ହେଇଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିଲ୍ଲୀ ଗସ୍ତଥି ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ତାଙ୍କର୍ ସହେତେ ଦୁହି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଭିଲ୍ ଦିଲ୍ଲୀ ଗସ୍ତ କର୍ବେ । ଦିଲ୍ଲୀ ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଆର୍ ବିଜେପିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

## କେନ୍ଦ୍ରମନ୍ତ୍ରୀ- ଏମ୍‌ପି ଲେଡ୍ ଅଫିସ୍

ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଉ ସମ୍ବଲପୁର ଲୋକ୍‌ସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ସାଂସଦ୍ ସ୍ଥାନୀୟ କ୍ଷେତ୍ର ବିକାଶ୍ ଯୋଜ୍‌ନା- ଏମ୍‌ପି ଲାଡ୍ କାର୍ଯ୍ୟକ୍ରମ୍ ଲାଗି ସମ୍ବଲ୍‌ପୁର୍‌କେ ନୋଡ଼ାଲ୍ ଜିଲ୍ଲା ଭାବେ ବାଛିଛନ୍ । ସମ୍ବଲ୍‌ପୁର୍ ସଂସଦୀୟ କ୍ଷେତ୍ର ନ ସମ୍ବଲ୍‌ପୁର୍, ଅନୁଗୁଲ୍ ଆର୍ ଦେବ୍‌ଗଡ୍ ଜିଲ୍ଲା ନ ବହୁତ୍‌ଟେ ଉନ୍ନୟନ୍‌ମୂଲକ୍ କାର୍ଯ୍ୟକ୍ରମ୍ ହେବାର୍ ସହେତେ ବିକାଶ୍ କାମ୍ ତୁର୍‌ତି ହେବା ବଲି କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଏମ୍‌ପି ଲାଡ୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଯୋଜ୍‌ନା ଆଉ ଇ ଯୋଜ୍‌ନାର୍ ପୁରା ପାଣ୍ଠି ଭାରତ୍ ସର୍‌କାର୍ ଯୁଗେଇ ଦେସନ୍ । ଇଥି ପିଇବାର୍

ପାଏନ୍, ପ୍ରାଥମିକ ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଆଉ ସଡ଼କ୍ ଭିତିଭୂମି ବାଗିର୍ କ୍ଷେତ୍ର ଉପ୍‌ରେ ବିଶେଷ୍ ନଜର୍ ଦିଆଯିବା ।

ପାଠ୍‌ବହି ଆର୍‌ଏନ୍‌ୟୁ / ସମ୍ୱଲପୁର

ରାଜ୍ୟର୍ ସର୍‌କାରୀ ଆଉ ଅନୁଦାନ୍ ପ୍ରାପ୍ତ ସ୍କୁଲ୍‌ମାନ୍‌କେ ଆଏବା ଶିକ୍ଷା ବରସ୍ ଆଗ୍‌ରୁ ଠିକ୍ ସମିଆଥି ପାଠ୍ୟପୁସ୍ତକ୍ ପୁହୁଁଚାବାର୍ ଲାଗି ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ପାଠ୍ୟପୁସ୍ତକ୍‌ମାନ୍‌କର୍ ଥିତି ବାବ୍‌ଦେ ସର୍‌କାରୀ ୱେବ୍‌ସାଇଟ୍‌ଥି ରଖାଯିବା । ଇତାର୍‌ଛଡ଼ା ମାର୍କଲିଷ୍ଟ୍ ଆର୍ ସାର୍ଟିଫିକେଟ୍ ପାଏବାର୍ ଲାଗି ଅନ୍‌ଲାଇନ୍‌ଥି ହେଉଥିବାର୍ ସମସ୍ୟାର୍ ସମାଧାନ୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ଶିକ୍ଷକ୍‌ମାନ୍‌କୁ ପ୍ରଶିକ୍ଷଣ୍ ଲାଗି ଶିକ୍ଷକ୍ ପ୍ରଶିକ୍ଷଣ ଅନୁଷ୍ଠାନ୍ ମାନ୍‌କୁ ଅଏତ୍‌କା କ୍ରିୟାଶୀଳ କରାଯିବା । ଫି’ ଡାଏଟ୍‌ର ଭିତିଭୂମି ଉନ୍ନତି ସହେତେ ଅଡିଟୋରିୟମ୍ ତିଆର୍ କରାଯିବା ବଲି ଭୁବ୍‌ନେଶ୍ୱର୍‌ଠାନେ ଗୁଟେ ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ଗୋଣ୍ଡ କହିଛନ୍ ।

ପାଠ୍‌ବହି ଆର୍‌ଏନ୍‌ୟୁ / ସମ୍ୱଲପୁର

ରାଜ୍ୟର୍ ସର୍କାରୀ ଆଉ ଅନୁଦାନ୍ ପ୍ରାପ୍ତ ସ୍କୁଲ୍‌ମାନ୍‌କେ ଆଏବା ଶିକ୍ଷା ବରସ୍ ଆଘୋନୁ ଠିକ୍ ସମିଆଥି ପାଠ୍ୟପୁସ୍ତକ୍ ପୁହୁଁଚାବାର୍ ଲାଗି ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ପାଠ୍ୟପୁସ୍ତକ୍‌ମାନ୍‌କର୍ ଥିତି ବାବ୍‌ଦେ ସର୍କାରୀ ୱେବ୍‌ସାଇଟ୍‌ଥି ରଖାଯିବା । ଇତାର୍‌ଛଡ଼ା ମାର୍କଲିଷ୍ଟ୍ ଆର୍ ସାର୍ଟିଫିକେଟ୍ ପାଏବାର୍ ଲାଗି ଅନ୍‌ଲାଇନ୍‌ଥି ହେଉଥିବାର୍ ସମସ୍ୟାର୍ ସମାଧାନ୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ଶିକ୍ଷକ୍‌ମାନ୍‌କୁ ପ୍ରଶିକ୍ଷଣ୍ ଲାଗି ଶିକ୍ଷକ୍ ପ୍ରଶିକ୍ଷଣ ଅନୁଷ୍ଠାନ୍ ମାନ୍‌କୁ ଅଏତ୍‌କା କ୍ରିୟାଶୀଳ କରାଯିବା । ଫି’ ଡାଏଟ୍‌ର ଭିତିଭୂମି ଉନ୍ନତି ସହେତେ ଅଡିଟୋରିୟମ୍ ତିଆର୍ କରାଯିବା ବଲି ଭୁବ୍‌ନେଶ୍ୱର୍‌ଠାନେ ଗୁଟେ ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ଗୋଣ୍ଡ କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି

ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଯୁକ୍ତ ୩ କଟ୍‌ଅଫ୍ ମାର୍କ                ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍‌ର କଲେଜ୍ ମାନ୍‌କର୍ ଯୁକ୍ତ ୩ ସ୍ନାତକ ଶ୍ରେଣୀଥି ନାଁଲେଖାବାର୍ ଲାଗି ପହେଲା ଖେପର୍ କଟ୍‌ଅଫ୍ ମାର୍କ କି ମେଧା ତାଲିକା ବାହାରିଛେ । ସାମ୍ସ ଜରିଏ ହେଉଥିବାର୍ ଇ ନାଁଲେଖା ପ୍ରକ୍ରିୟାଥି କଟକ୍ ରେଭେନ୍ସା ବିଶ୍ୱବିଦ୍ୟାଳୟର କଟ୍‌ଅଫ୍ ମାର୍କ କଳା, ବିଜ୍ଞାନ୍ ଆଉ ବାଣିଜ୍ୟ ବିଷେଥି ସବୁଠାନୁ ଜହ ରହିଛେ । ହେନ୍ତା ଆଇନ୍‌ଥି କଟକ୍‌ର ମଧୁସୂଦନ୍ ଆଇନ୍ ବିଶ୍ୱବିଦ୍ୟାଳୟର ଇଂଟିଗ୍ରେଟେଡ୍

ବିଏଏଲ୍ଏଲ୍ବି ପାଠ୍ୟକ୍ରମ୍ଥି ସବୁଠାନୁ ଜହ କଟ୍ଅଫ୍ ମାର୍କ ରହିଛେ ।

୨୦୨୪ -୨୫ ଶିକ୍ଷା ବଛରଥି ଯୁକ୍ତ ୩ ଶ୍ରେଣୀର୍ ୨ ଲାଖ୍ ୭୪ ହଜାର୍ ୩ ଶହ ୩୧ ଟା ସିଟ୍ଥି ନାଁଲେଖାବାର୍ ଲାଗି ୨ ଲାଖ୍ ୩୭ ହଜାର୍ ୭ ଶହ ୯୫ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ । ଇମାନ୍କର୍ ଭିତ୍ରୁ ପହେଲା ଖେପେ ୧ ଲାଖ୍ ୭୮ ହଜାର୍ ୯ ଶହ ୭୬ ଝନ୍ ଛାତ୍ରଛାତ୍ରୀ ନାଁ ଲେଖାବାର୍ ଲାଗି ଯୋଗ୍ୟତା ହାସଲ୍ କରିଛନ୍ ।

ନିଶା ନିବାରଣ୍ ଦିବସ୍

ଆର୍ଏନ୍ୟୁ/ କଟକ୍/ ଦେବ୍ଗଡ଼୍/ ସୁବର୍ଣ୍ଣପୁର୍/ ବୌଦ୍ଧ/ ନୂଆପଡ଼ା ସମ୍ବାଦଦାତା

ଆଏଜ୍ ବିଶ୍ୱ ନିଶା ନିବାରଣ ଦିବସ୍ ପାଳନ୍ କରାଯାଉଛେ । ନିଶା କାର୍ବାର୍ ଆଉ ବେଆଇନ୍ ନିଶା ଚାଲାଣ୍କେ ରୁକ୍ବାର୍ ଲାଗି ଲୁକ୍କର୍ ଭିତ୍ରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ଥି ବିଶ୍ୱ ନିଶା ନିବାରଣ୍ ଦିବସ୍ ଉଲ୍ଗୁନେ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ସମାଜ୍ର

ସବୁ ସ୍ତର୍ ନ ସକ୍ରିୟ ଉଦ୍ୟମ୍ ଜାରି ରହେଲେ ଡ୍ରଗ୍ସ ବିରୋଧ୍ ନ ଯୁଆନ୍ ପିଢ଼ିକେ ସଶକ୍ତ ଆଉ ସଚେତନ୍ କରାଯାଇପାର୍‌ବା ।

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କର୍ ବାର୍ତାଥି ନିଶା ଅପବ୍ୟବହାର୍‌କେ ରୁକ୍‌ବାର୍ ଲାଗି ନିବେଦନ୍ କରିଛନ୍ । ଗୁଟେ ସୁସ୍ଥ ଆଉ ଉନ୍ନତ୍ ଭବିଷ୍ୟତ୍ ଗଠନ୍ ଲାଗି ନିଶାନୁ ଦୂରେଇ ରହେବାର୍‌କେ ସମସ୍ତେ ସଂକଳ୍ପ ନେବାର୍ ଉଚିତ୍ ବଲି ସାମାଜିକ ଗଣମାଧ୍ୟମ୍ ଜରିଏ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ସାମାଜିକ ସୁରକ୍ଷା ଆଉ ଅବକାରୀ ବିଭାଗ୍ ତର୍‌ଫୁ ଆନ୍ତର୍ଜାତୀୟ ନିଶା ସେବନ୍ ଆଉ ବେଆଇନ୍ ଚାଲାଣ୍ ବିରୋଧ୍ ନ ଗୁଟେ ଶୋଭାଯାତ୍ରା ଉତ୍‌ରୁ ଗୁଟେ ସଚେତନତା ସଭାଥି ଉପଜିଲ୍ଲାପାଲ୍ ପରିକ୍ଷିତ ସାହୁ ଅଧ୍ୟକ୍ଷତା କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନିଶା ନିବାରଣ୍ ଦିବସ୍ ଉଲ୍‌ଗୁନେ ଜିଲ୍ଲା ଅବକାରୀ ଆଉ ସାମାଜିକ ସୁରକ୍ଷା ବିଭାଗ୍‌ର ସାହାଜ୍‌ଥି ଗୁଟେ ସଚେତନତା ସଭା କରାଯାଇଥିଲା ।

ଇଥି ନିଶା ସେବନ୍ ଲାଗି ସାମାଜିକ୍ ଆର୍ ଆର୍ଥିକ୍ ବ୍ୟବସ୍ଥାଥି ଅସଂଗତି ବଢୁଥିବାର୍ କାରଣ୍‌ନୁ ନିଶା ଦରବ୍ ସେବନ୍ ଆଉ ବେଆଇନ୍ କାର୍‌ବାର୍‌ନୁ ଦୂରେ ରହେବାର୍ ଲାଗି ଆହ୍ୱାନ୍ ଦିଆଯାଇଥିଲା ।

ବଉଦ୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ସଚେତନତା ଶୋଭାଯାତ୍ରା ଉତ୍‌ରୁ ଟାଉନ୍‌ହଲ୍ ଠାନେ ସଚେତନତା ସଭା

କରାଯାଇଥିଲା । ଇଥି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଜୟକ୍ରିଷ୍ଣା ମିଶ୍ର, ସାମାଜିକ୍ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନ୍, ଅଧ୍ୟାପକ ପ୍ରବୀର୍ କୁମାର୍ ଦାସ, ବରିଷ୍ଠ ନାଗରିକ ସଂଘର ସଭାପତି ଶିବ ମିଶ୍ର ଉଦ୍‌ବୋଧନ ଦେବାର୍ ସହେତେ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କାର୍ ଦେଇଥିଲେ ।

ହେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଅବକାରୀ ବିଭାଗ୍ ତର୍‌ଫୁ ନିଶା ନିବାରଣ୍ ଲାଗି ଗୁଟେ ସଚେତନତା ପଟୁଆର୍ ବାହାର୍ କରାଯାଇଥିଲା । ନିଶାର୍ ଲାଗି ପରିବାର୍ ଆଉ ସମାଜ୍ ନ ହିଂସା ଦେଖାଦେସି । ଇଥିର୍‌ଲାଗି ନିଶାମୁକ୍ତ ହେବାର୍ ଲାଗି ସଭାଥି ଆହ୍ୱାନ୍ ଦିଆଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାଠାନେ ଇ ଉଲ୍‌ଗୁନେ ବାହାର୍ କରାଯାଇଥିବାର୍ ଶୋଭାଯାତ୍ରାକେ ଜିଲ୍ଲାପାଲ୍ ପି.ଅନ୍ୱେଷା ରେଡ୍ଡି ଉଦ୍‌ଘାଟନ୍ କରିଥିଲେ । ଇତାର୍‌ଉତ୍‌ରୁ ଗୁଟେ ସଚେତନତା କର୍ମଶାଳାଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ ଦର୍‌ୱାନ୍, ଭବାନୀପାଟ୍‌ନା ବିଶ୍ୱବିଦ୍ୟାଳୟର୍ ସହଯୋଗୀ ପ୍ରଫେସର୍ ପଲ୍ଲିଶ୍ରୀ ପଟ୍ଟନାୟକ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଜଣ୍ଡିସ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସହରେ ଜଣ୍ଡିସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ଶହେଥି ପୁହୁଁଚିଛେ । ଆଏଜ୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ରାଣୀ ମିଶ୍ର ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ୍ ଗବେଷଣା ସଂସ୍ଥାନ୍‌ର ବିଶେଷଜ୍ଞ ଦଲ୍ ଆର୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍‌ର ଆର୍.ଆର୍.ଟି. ଟିମ୍ ସାଙ୍ଗେ ସହରେ ଜଣ୍ଡିସ୍ ନିୟନ୍ତ୍ରଣ୍ ଲାଗି ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଥିଲେ । ସେଆଡ଼େ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଅଙ୍ଗନବାଡ଼ି, ଆଶାକର୍ମୀ, ଆଉ ଅଧିକାରୀମାନେ ଖାସ୍ କରି ଜଣ୍ଡିସ୍ ଚାପିଥିବା ଇଲାକା ନ ଘର୍‌କେ ଘର୍ ବୁଲିକରି ଲୁକ୍‌କୁ ଫୁଟ୍‌ଲା ପାଏନ୍ ପିଇବାର୍ ଆର୍ ସଫାସୁତ୍‌ରା ରହେବାର୍ ଲାଗି ସଚେତନ୍ କରୁଛନ୍ ।

କମ୍ ବର୍ଷା- ନୂଆପଡ଼ା              ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଜୁନ୍ ମାସେ ହାରାହାରି ଶହେ ୭୭ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ହେବାର୍ କଥା । ହେଲେ ଇ ବଛର୍ ଜୁନ୍ ମାସେ ଆଏଜ୍‌ତକ୍ ୯୯ ଦଶ୍‌ମିକ୍ ୬୮ ମିଲିମିଟର୍ ବର୍ଷା ହେଇଯାଇଛେ । ଜିଲ୍ଲାର୍ କୋମ୍‌ନା ବ୍ଲକ୍ ନ ୨ ଶହ ୩୯, ବୋଡ଼େନ୍ ବ୍ଲକ୍ ନ ଶହେ ୩୬, ସିନାପାଲି ବ୍ଲକ୍ ନ ଶହେ ୧୬ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ସିନାପାଲି ଆଉ

ବୋଡ଼େନ୍ ନ ୭ ଦିନ୍ ଲେଖା ଆଉ ଅଲ୍‌ଗା ବ୍ଲକ୍ ମାନ୍‌କେ ୫ ଦିନ୍‌ନୁ କମ୍ ବର୍ଷା ହେଇଛେ ।

ବିଜ୍‌ଲି ଆର୍‌ଏନ୍‌ୟୁ/ ସମ୍ବଲପୁର/ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ପଦମ୍‌ପୁର୍ ସବ୍‌ଡିଭିଜନ୍ ବୁଢ଼େନ୍ ଥାନାର୍ ଦେଓ୍ୱାନ୍‌ଡିହି ଠାନେ ଆଏଜ୍ ଉପର୍‌ବେଲା ବିଜ୍‌ଲି ମାର୍‌ବାର୍‌ନୁ ୩ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୨ ଝନ୍ ଜବର୍ ଜଖମ୍ ହେଇଛନ୍ । ବର୍ଷା ଲାଗି ଇମାନେ ଗୁଟେ ଗଛ୍‌ତଲେ ଠିଆ ହେଇଥିବାର୍ ବେଲେ ଇ ଅଘଟନ୍ ଘଟିଥିଲା । ଆହତ୍‌ମାନ୍‌କୁ ପଦମ୍‌ପୁର୍ ଡାକ୍ତର୍‌ଖାନା ନ ଚିକିତ୍ସା ଲାଗି ଭର୍ତି କରାଯାଇଛେ ।

ହେନ୍ତା ବଲାଙ୍ଗିର୍ ଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍‌ର ଧଣ୍ଡାମୁଣ୍ଡା ଠାନେ ବିଜ୍‌ଲି ମାର୍‌ବାର୍‌ନୁ ଝନେ ମହିଲା ଆର୍ ତାଙ୍କର୍ ପୁଓଙ୍କର୍ ମୃତ୍ୟୁ ହେଇଛେ । ଇମାନେ ନିଜର୍ ଖେତୁ ଘର୍‌କେ ଫିରୁଥିବାର୍ ବେଲେ ବିଜ୍‌ଲି ମାରିଥିଲା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍‌ନୁ ଆଏବା ଶୁକ୍ରବାର୍‌ତକ୍ ଜବର୍ ବର୍ଷା ହେବା । କେତେଟା ଜାଗା ନ ଶହେ ୧୫ ଦଶ୍‌ମିକ୍ ୫ ମିଲିମିଟର୍‌ନୁ ୨ ଶହ ୪ ଦଶ୍‌ମିକ୍ ୪

ମିଲିମିଟର୍ ତକ୍ ବର୍ଷା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତରଫୁ ଆଗୁଆ ଅନୁମାନ୍ କରାଯାଇଛେ । ବଙ୍ଗୋପ୍ସାଗର୍ ନ ବନ୍ବାର୍କେ ଥିବାର୍ ଘୂର୍ଣ୍ଣିବଲୟର୍ ବଲେ ଅତି ଜବର୍ ବର୍ଷାର୍ ଆଶଙ୍କା ଥିବାର୍ନୁ ସ୍ୱତନ୍ତ୍ର ରିଲିଫ୍ କମିଶରନ୍ ଏସ୍ଆର୍ସି ଜିଲ୍ଲାପାଲ୍ମାନ୍କୁ ସତର୍କ କରେଇଛନ୍ । କଲାହାଣ୍ଡି, ବଲାଙ୍ଗିର୍, ନୂଆପଡ଼ା, ବର୍ଗଡ଼୍ ଆଉ ଦକ୍ଷିଣ ଓଡ଼ିଶାର୍ ଜିଲ୍ଲାମାନ୍କେ ଆଏବା କାଏଲ୍ ଆଉ ଆଏବା ୨୯ ତାରିଖ୍ ଦିନ ଜବର୍ ବର୍ଷାର୍ ଅନୁମାନ୍ ଥିବାର୍ନୁ ବିଭାଗ୍ ତରଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।